

# ଘର ମାଡ଼ି ବସୁଛନ୍ତି ଭଡ଼ାଟିଆ

■ ନିୟମ ନ ମାନି ନୟାନ୍ତ ହେଉଛନ୍ତି ମାଲିକ
■ ଥାନାରେ ମାମଲା; ଚିନ୍ତାରେ ପୁଲିସ

ଭୁବନେଶ୍ୱର, ୧୪।୧ (ସମିସ): ରାଜଧାନୀରେ ଆପଣ ଘର ଭଡ଼ାରେ ଲଗାଇଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାହିଁକି ନା ଦୀର୍ଘଦିନ ରହିବା ପରେ ଘର ଛାଡ଼ିବାକୁ ରାଜି ହେଉନାହାନ୍ତି ଭଡ଼ାଟିଆ। ଆଉ ଘର ଖାଲି କରିବାକୁ ବାରମ୍ବାର ଥାନାକୁ ଦୌଡ଼ୁଛନ୍ତି ଘର ମାଲିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଘର ଭଡ଼ା ଦେବାବେଳେ ନିୟମ ଅନୁସାରେ ଚୁକ୍ତି ଓ ଭଡ଼ାଟିଆ ଫର୍ମ ପୂରଣ କରି ନ ଥିବାରୁ ଅନେକ ମାଲିକ ପୁଲିସ ପାଖକୁ ମଧ୍ୟ ଯାଇ ପାରୁନାହାନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏପରି ସ୍ଥିତି ଏବେ ପୁଲିସକୁ ଅଡୁଆରେ ପକାଇଛି। ଘରୁ ବାହାର କରିବା ଭଳି ଘଟଣା ହୋଇଥିବାରୁ ପୁଲିସ ମଧ୍ୟ ବିଶେଷ ହସ୍ତକ୍ଷେପ କରିପାରୁନାହିଁ।

ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରିବାର ଉପର ମହଲାରେ ରହୁଥିବା ବେଳେ ତଳ ମହଲା ଭଡ଼ାରେ ଦେଇଥିଲେ। ତେବେ କୌଣସି କାରଣରୁ ବିବାଦ ହେବାରୁ ଭଡ଼ାଟିଆଙ୍କୁ ଘର ଛାଡ଼ିବାକୁ ମାଲିକ କହିଥିଲେ। ଆରମ୍ଭରୁ ରାଜି ହୋଇଥିଲେ ମଧ୍ୟ ଦେଇଥିବା ସମୟସୀମା ମଧ୍ୟରେ ପରବର୍ତ୍ତୀ ସମୟରେ ମନା କରି ଦେଇଥିଲେ। କେବଳ ମନା କରି ନ ଥିଲେ, ଗାଳିଗୁଲଜ କରିବା ସହ ଧମକ ମଧ୍ୟ ଦେଇଥିଲେ। ଭଡ଼ାଟିଆଙ୍କ ରୋବାବ୍ ଦେଖି ଘର ମାଲିକ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଶେଷରେ କୌଣସି ଉପାୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଯାଞ୍ଚ କରିବା ବେଳକୁ ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଚୁକ୍ତି ହୋଇ ନ ଥିଲା। ଏମିତିକି ମାଲିକ ଜଣକ ଟେନାଣ୍ଟ (ଭଡ଼ାଟିଆ) ଫର୍ମ ପୂରଣ କରି ଥାନାରେ ଦାଖଲ କରିନଥିଲେ। ପୁଲିସ ଉଭୟପକ୍ଷଙ୍କୁ ବୁଝାସୁଝା କରି ଘଟଣାର ସମାଧାନ କରିଥିଲା। ସେହିପରି ଅନ୍ୟଜଣେ ବ୍ୟକ୍ତି ପାଇକରାପୁର ଅଞ୍ଚଳରେ ଥିବା ତାଙ୍କ ଫ୍ଲାଟକୁ ଭଡ଼ାରେ ଦେଇଥିଲେ। ଏବେ ନିଜେ ସେହି ଘରେ ରହିବାକୁ ଚାହୁଁଥିଲେ ମଧ୍ୟ ଭଡ଼ାଟିଆ ଘର ଛାଡୁ ନାହାନ୍ତି। ଫଳରେ ନିଜ ଘର ହୋଇଥିଲେ ମଧ୍ୟ ସେ ନିଜେ ମଧ୍ୟ ରହି ପାରୁନାହାନ୍ତି। ତେବେ ଇଏ କେବଳ ଦୁଇଟି ଘଟଣା ନୁହଁ, ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଅନେକ ଘଟଣା ଘଟୁଛି। କେତେକ ମାଲିକ ଚୁକ୍ତି କରୁନଥିବା ବେଳେ ଆଉ କେତେକ ଚୁକ୍ତି କରିଥିଲେ ମଧ୍ୟ ଭଡ଼ାଟିଆ ରଖିବାକୁ ନେଇ ରହିଥିବା ନିୟମର ଅନୁପାଳନ କରୁନାହାନ୍ତି। ଘର ଭଡ଼ା ନେବାବେଳେ ମିଠା ମିଠା କଥା କହି ଭଡ଼ାଟିଆମାନେ ମାଲିକମାନଙ୍କ ଆସ୍ଥାଭାଜନ ହୋଇ ଯାଉଛନ୍ତି। ଫଳରେ ମାଲିକମାନେ ଚୁକ୍ତି କି ଟେନାଣ୍ଟ ଫର୍ମ ଦାଖଲ କରୁନାହାନ୍ତି। ଅନେକ ଦିନ ରହିବା ପରେ ବାତାବରଣ ସୁହାଇ ଯାଉଥିବାରୁ ଭଡ଼ାଟିଆମାନେ ଘର ଛାଡ଼ିବାକୁ ନାରାଜ ହେଉଛନ୍ତି। ସେପଟେ ଭଡ଼ାଟିଆଙ୍କୁ ଘରୁ ବାହାର କରିବା ଲାଗି କୋର୍ଟରେ ମାମଲା ରୁଜୁ କରିବା ଠାରୁ ଆରମ୍ଭ କରି ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତର ପ୍ରକ୍ରିୟା ଲମ୍ବା ହୋଇଥିବାରୁ, ମାଲିକମାନେ ସେହି ପ୍ରକ୍ରିୟା ଆପଣାଉ ନାହାନ୍ତି। ଏହି ଦୁଇ ପକ୍ଷଙ୍କ ମଧ୍ୟରେ ପୁଲିସ ମଧ୍ୟ ସବୁବେଳେ ଘାଣ୍ଟି ହେଉଛି।

### ଅକଳରେ ପଡୁଛନ୍ତି ବଡ଼ବଡ଼ିଆ

ସରକାରୀ ଚାକିରିଆମାନେ କଳା ଧନରେ ଏକାଧିକ ଘର ଓ ଫ୍ଲାଟ୍ କିଣିଛନ୍ତି। କେତେକ ନିଜ ନାମରେ କିଣୁଥିବା ବେଳେ ଅନେକ ସମ୍ପର୍କୀୟ, ବିଶ୍ୱସ୍ତ ଲୋକଙ୍କ ନାମରେ କିଣୁଛନ୍ତି। ନିଜେ ସରକାରୀ କ୍ୱାଟରରେ ରହୁଥିବା ବେଳେ ବାକି ସବୁ ଘର ଭଡ଼ାରେ ଲଗାଇ ଦେଇଛନ୍ତି। ହେଲେ ଭଡ଼ାଟିଆମାନେ ଅନେକ ଦିନ ଧରି ରହିବା ପରେ ଘର ଛାଡ଼ିବାକୁ ନାରାଜ ହେଉଛନ୍ତି। ଏପଟେ ଘର ଗୁଡ଼ିକ କଳା ଧନରେ ବା ନିଜ ମାଲିକାନାରେ ନଥିବାରୁ ବଡ଼ବଡ଼ିଆ ମାନେ ମଧ୍ୟ ମୁହଁ ଖୋଲି ପାରୁନାହାନ୍ତି। ଏମିତିକି ପୁଲିସ ପାଖକୁ ମଧ୍ୟ ଯାଇ ପାରୁନାହାନ୍ତି।

### ଅଘଟଣ ଘଟିଲେ ମନେପଡ଼େ ନିୟମ

ସହରରେ ଭଡା ଘରେ ରହୁଥିବା ସମସ୍ତ ଭଡାଟିଆଙ୍କ ଡାଟାବେସ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ୨୦୧୫ ଏପ୍ରିଲ ୮ରେ କମିସନରେଟ୍ ପୁଲିସ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଘର ମାଲିକ ଏବଂ ଭଡାଟିଆ ନିର୍ଦ୍ଦିଷ୍ଟ ଏକ ଫର୍ମ ମାଧ୍ୟମରେ ପଞ୍ଜୀକରଣ କରିବେ। ଏଥିରେ ଉଭୟଙ୍କ ନାଁ, ଠିକଣା, ବୃତ୍ତି, ପରିଚୟପତ୍ର ଓ ଫଟୋ ରହିବ। ଏହି ଫର୍ମକୁ ସ୍ଥାନୀୟ ଥାନାରେ ଦାଖଲ କରାଯିବ। ଯେଉଁମାନେ ଏଭଳି ତଥ୍ୟ ଦାଖଲ ନ କରିବେ ସେମାନଙ୍କ ବିରୋଧରେ ବିଏନ୍ଏସ୍ ଧାରା ୨୨୩ (ଆଇପିସି- ୧୮୮) ଅନୁଯାୟୀ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଏହି ନିୟମ ଖିଲାପ କରି ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତଙ୍କ ବିରୋଧରେ ଗୋଟିଏ ବର୍ଷ ଜେଲ୍‌ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦାୟର ପ୍ରାବଧାନ ରହିଛି। ଘର ମାଲିକମାନେ ଏହି ବିଜ୍ଞପ୍ତିକୁ ମାନୁ ନ ଥିବା ବେଳେ କମିସନରେଟ ପୁଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କେବଳ କୌଣସି ଘଟଣା ଘଟିଲେ, ଘର ମାଲିକଙ୍କୁ ଚେତାବନୀ ଦେଇ ଚୁପ୍ ରହିଯାଉଛି।

## ବ୍ୟବସାୟ ଭାଗିଦାରୀ ଆଳରେ ୪୨ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୧୪।୧ (ସମିସ): ଫଳ ବ୍ୟବସାୟରେ ଟଙ୍କା ନିବେଶ ଆଳରେ ୪୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ନରସିଂହପୁରର ପ୍ରମୋଦ କୁମାର ଦୋରା (୪୩)। ପୁଲିସ ସୂଚନାନୁସାରେ, ବଡ଼ଗଡ଼ ନୀଳାଦ୍ରି ନଗରର ସାନିଟାରୀ ଦୋକାନୀ ପ୍ରତାପ କୁମାର ସ୍ୱାଇଁ ୨୦୨୦ ମସିହାରେ ଅଶୋକ ଆଚାର୍ଯ୍ୟଙ୍କ ମାଧ୍ୟମରେ ପ୍ରମୋଦ ସହ ପରିଚିତ ହୋଇଥିଲେ। ପ୍ରମୋଦ ନିଜକୁ ହୋଲସେଲ୍‌ଫ ଫଳ ବ୍ୟବସାୟୀ ପରିଚୟ ଦେବା ସହ ତାଙ୍କ ବ୍ୟବସାୟରେ ଟଙ୍କା ନିବେଶ କଲେ ଅଳ୍ପ ସମୟ ମଧ୍ୟରେ ଅଧିକ ଲାଭ ମିଳିବ ବୋଲି ପ୍ରତାପଙ୍କୁ ପ୍ରଲୋଭିତ କରିଥିଲେ। ପ୍ରତାପ ତାଙ୍କ କଥାକୁ ବିଶ୍ୱାସ କରି ଚୁକ୍ତି କରିବା ସହ ବ୍ୟାଙ୍କ୍, ଚେକ୍ ଓ ନଗଦ ଆକାରରେ ୪୨ ଲକ୍ଷ ଟଙ୍କା ପ୍ରମୋଦକୁ ଦେଇଥିଲେ। ଟଙ୍କା ନେବାପରେ ଲାଭାଂଶ କି ମୂଳ ଟଙ୍କା ମଧ୍ୟ ଫେରାଇ ନ ଥିଲା। ପ୍ରତାପ ଟଙ୍କା ମାଗିବାରୁ ପ୍ରମୋଦ ତାଙ୍କୁ ଧମକ ଦେଇଥିଲେ। ଏନେଇ ପ୍ରତାପ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଦିଗପହଣ୍ଡି ଅଞ୍ଚଳରେ ଚଢ଼ଉ କରି ପ୍ରମୋଦକୁ ଗିରଫ କରିଥିଲା। ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନାରେ ଦୁଇଟି ଠକେଇ ମାମଲା ରହିଛି।

## ସାଲିଆ ସାହିରୁ ୧୭୦୦ ଲିଟର ମଦ ଜବତ; ଦୁଇ ଗିରଫ




ଭୁବନେଶ୍ୱର, ୧୪।୧ (ସମିସ): ସାଲିଆ ସାହିରୁ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଇଡକୋ ବସ୍ତିର ରବୀନ୍ଦ୍ର କୁମାର ମୁର୍ମୁ (୨୭) ଓ ବରିଆଲ ହାଁସଦା (୩୬)।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ ମୈତ୍ରୀ ବିହାର ଥାନା ପୁଲିସର ସ୍ୱତନ୍ତ୍ର ଟିମ୍ ସାଲିଆ ସାହିର ଇଡକୋ ବସ୍ତିରେ ଚଢ଼ଉ କରିଥିଲା। ସେଠାରୁ ରବୀନ୍ଦ୍ର ଓ ବରିଆଲକୁ ଗିରଫ କରିବା ସହ ୧୭୦୦ ଲିଟର ଦେଶୀମଦ ଜବତ କରିଥିଲା। ଏନେଇ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ବରିଆଲ ପୂର୍ବରୁ ଏକ ଅବକାରୀ ମାମଲାରେ ଜଡ଼ିତ ଥିବା ଯାଞ୍ଚରୁ ଜଣାପଡ଼ିଛି।

## କାର୍ ସମେତ ବାଲି ବୋଝେଇ ୨ ହାଇୱା ଜବତ; ୬ ଗିରଫ




ବାଲିଅନ୍ତା, ୧୪।୧(ସମିସ): ବାଲିଅନ୍ତା ଥାନା ପୁଲିସ ବୁଧବାର ସରକାରୀ ଜମିରୁ ଚୋରା ମାଟି ଓ ବାଲି ଚାଲାଣ ମାମଲାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଗୋପାଳ ନଗର ଗ୍ରାମର ବିଜୟ ଭୋଇ (୩୫) କଟକ ଜିଲ୍ଲା ବଡମ୍ବା ଥାନା ପଦ୍ମନାଭ ପୁର ଗ୍ରାମର ଶ୍ରୀଦ୍ଧର ନାୟକ (୪୦), ସନ୍ତୋଷ ବେହେରା (୨୨), ସୁଶିର ପାତ୍ର (୩୯), ନଡ଼ିଆ ଗୁରିଡିର ସମ୍ବିତ କୁମାର ଦାସ ଓ ସୁନ୍ଦର ଗ୍ରାମର ସୁଶୀଲ କୁମାର ଦାସ (୨୫)। କୋର୍ଟରେ ସମସ୍ତଙ୍କ ଜାମିନ୍ ଖାରଜ ହୋଇଯିବାରୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି। ତେବେ ଅର୍ଣ୍ଣବ ଦାସ ଓରଫ ବିଟୁ ଏବଂ ଅଭିନାସ ରାଉତରାୟ ଓରଫ ଗୁଡୁ କୌଶଳକ୍ରମେ ଖସି ପଳାଇ ଯାଇଥିଲେ। ପୁଲିସ ଲଘୁ ଖଣିଜ ଦ୍ରବ୍ୟ ଚାଲାଣରେ ବ୍ୟବହୃତ କାର ଓ ୨ଟି ହାଇୱା ସମେତ ଜବତ କରିଛି। ବେଆଇନ ଖନନ ଏବଂ ମାଟି ଏବଂ ଉପର ମାଟି ପରିବହନ କରୁଥିବାରୁ ୬ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

## ନନ୍ଦନକାନନରେ ସମ୍ବର ଛୁଆ ଜନ୍ମ

ନନ୍ଦନକାନନ, ୧୪।୧(ସମିସ): ମକର ସଂକ୍ରାନ୍ତିରେ ନନ୍ଦନକାନନକୁ ନୂଆ ଅତିଥି ଆସିଥିବାର ଖୁସି ଖବର ମିଳିଛି। ଟୟଟ୍ରେନ ପଟେ ରହୁଥିବା ତୃଣଭୋଜି ଜୀବଜନ୍ତୁଙ୍କ ମଧ୍ୟରେ ରହୁଥିବା ଏକ ସମ୍ବର ଛୁଆ ଜନ୍ମ କରିଛି। ଏହି ଛୁଆ ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ଏବେ ୨୮ କୁ ବୃଦ୍ଧି ପାଇଛି। ନବଜାତକ ସମ୍ବର ଛୁଆଟିର ଲିଙ୍ଗ ନିରୂପଣ ହୋଇ ନଥିବା ବେଳେ ନନ୍ଦନକାନନରେ ୯ଟି ଅଣ୍ଡିରା, ୧୨ଟି ମାଈ ଏବଂ ଲିଙ୍ଗ ନିରୂପଣ ହୋଇନଥିବା ୮ଟି ସମ୍ବର ରହିଥିବା ଜାଣିବାକୁ ମିଳିଛି।

## ସାଇଡ୍‌ମରାକୁ ନେଇ ଆମ ବସ୍ ଡ୍ରାଇଭର ଓ ଅଟୋବାଲାଙ୍କ ପାଟିତୁଣ୍ଡ

ଭୁବନେଶ୍ୱର, ୧୪।୧(ସମିସ): ରାଜଧାନୀରେ 'ଆମ ବସ' ଲୋକଙ୍କ ମୁଣ୍ଡ ନେଲାଣି ତ ଆଉ କେବେ ଲୋକଙ୍କୁ ଦିବ୍ୟାଙ୍ଗ କରି ପକାଇଲାଣି। ସପ୍ତାହ ତଳେ ଆମ ବସ୍‌ରେ ଦୁର୍ଘଟଣା ଘଟି ଜଣେ ଅଟୋବାଲାଙ୍କ ଜୀବନ ଚାଲି ଯାଇଥିବା ବେଳେ ବୁଧବାର ପୁଣି ବରମୁଣ୍ଡା ବସ୍ ଷ୍ଟାଣ୍ଡ ଆଗରେ ଜଣେ ଅଟୋ ଡ୍ରାଇଭରଙ୍କ ଜୀବନ ଯାଇଥାନ୍ତା।

ସୂଚନା ଅନୁସାରେ ବରମୁଣ୍ଡା ଷ୍ଟାଣ୍ଡ ପାଖରେ ୧୮ ନମ୍ବର ରୁଟର ଆମ ବସ୍ ଆସୁଥିବା ବେଳେ ଜଣେ ଅଟୋବାଲା ରାସ୍ତାରୁ ଯାତ୍ରୀ ଉଠାଉଥିଲେ। ଏହି ସମୟରେ ସାଇଡ ମରାକୁ କେନ୍ଦ୍ର କରି ଅଟୋ ଚାଳକ ଓ ଆମ ବସ୍ ଡ୍ରାଇଭରଙ୍କ ଯୁକ୍ତିତର୍କ ଲାଗିଲା। ଫଳରେ ଆମ ବସ୍ ର ଡ୍ରାଇଭର ଏକ ଲୁହା ଛଡ଼ରେ ଅଟୋ ବାଲାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପାଇଁ ଅନଲାଇନ ଅଟୋ ଚାଳକ ମହାସଂଘ ପକ୍ଷରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ ପାଖରେ ଚାପା ଉତେଜନା ସୃଷ୍ଟି ହେବା ସହ ଅଟୋଚଳକ ମାନେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ପରେ ଭରତପୁର ପୁଲିସ ଓ ଖଣ୍ଡଗିରି ପୁଲିସ ପହଞ୍ଚି ଉତ୍ୟକ୍ତ ଅଟୋବାଲାଙ୍କୁ ବୁଝାସୁଝା କରିଥିଲେ। ଏନେଇ ଅନଲାଇନ ଅଟୋ ଚଳକ ମହାସଂଘ ପକ୍ଷରୁ କୁହାଯାଇଛି କି ଆମ ବସ୍ ଡ୍ରାଇଭର ମଦ ପିଇ ଗାଡି ଚଲେଇବା ସହ ନିଜକୁ ସରକାରି ଚାକିରିଆ ଭାବୁଛନ୍ତି ଯେଉଁଥି ପାଇଁ ଲୋକ ସେମାନଙ୍କୁ ପୋକ ମାଛି ପରି ଦେଖା ଯାଉଛନ୍ତି। ଆମ ବସ୍ ଡ୍ରାଇଭର ରାସ୍ତାରେ ଆଣ୍ଠେଇକି ଭୁଲ ମାଗିବକୁ ଦାବି କରିବା ସହ ଏତେ ଅନ୍ୟାୟ ସହି ହେଉନାହିଁ। ଏହି ଆମ ବସ୍‌ରେ କେହି ଯାତ୍ରୀ ନ ଯିବାକୁ ଅନୁରୋଧ କରିଛନ୍ତି।

## ଯାତ୍ରୀଙ୍କ ଠାରୁ ଲୁଟ୍ କରି ଅଟୋ ଚାଳକ ଗିରଫ

■ ଜେଲ୍ ଫେରନ୍ତା ଅଭିଯୁକ୍ତ ନାଁରେ ରହିଛି ୮ ମାମଲା

ଭୁବନେଶ୍ୱର, ୧୪।୧ (ସମିସ): ଯାତ୍ରୀଙ୍କ ଠାରୁ ଲୁଟ୍ କରିଥିବା ଅଭିଯୋଗରେ ଅଟୋ ଚାଳକକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ଭକ୍ତି ବିହାରରେ ରହୁଥିବା ମିଞ୍ଜା ଓରଫ୍ ସନ୍ତୋଷ ନାୟକ (୩୪)।

ପୁଲିସ କହିବା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ମାଗି ରାଉତ ଚନ୍ଦ୍ରଶେଖରପୁରର ବିଡିଏ କଲୋନିକୁ ଯିବା ଲାଗି ମିଞ୍ଜାର ଅଟୋକୁ ଭଡ଼ା କରିଥିଲେ। ମିଞ୍ଜା ଟ୍ରାଇଡେଣ୍ଟ କଲେଜ ନିକଟରେ ଛାଡ଼ିଦେଇ ତାଙ୍କ ଠାରୁ ମୋବାଇଲ୍ ଫୋନ୍ ଓ ୨୭୦୦ ଟଙ୍କା ଥିବା ଏକ ମନିପର୍ସକୁ ଛଡ଼ାଇ ନେଇଥିଲା। ଏନେଇ ମାଗି ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଅଟୋର ମାଲିକ ମିଞ୍ଜାକୁ ଗାଡ଼ିଟି ଭଡ଼ାରେ ଦେଇଥିବା ଜଣାପଡ଼ିଥିଲା। ବୁଧବାର ବିଡିଏ କଲୋନି ହନୁମାନ ମନ୍ଦିର ନିକଟରୁ ମିଞ୍ଜାକୁ ପୁଲିସ ଗିରଫ କରିଥିଲା। ତା' ହେପାଜତରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଓ ୧୫୦୦ ଟଙ୍କା ଜବତ କରିଥିଲା। ମିଞ୍ଜା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୮ଟି ସମ୍ପତ୍ତି ଗତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେ ନିକଟରେ ଜେଲରୁ ଫେରିବା ପରେ ଭଡ଼ା ଅଟୋ ବ୍ୟବହାର କରି ଯାତ୍ରୀମାନଙ୍କୁ ଲୁଟୁଥିବା ସ୍ୱୀକାର କରିଥିଲା।

## ବିଧାନସଭା ଆଗରେ ଖଣ୍ଡା ବୁଲାଇ ବନ୍ଧା ହେଲା



ଭୁବନେଶ୍ୱର, ୧୪।୧ (ସମିସ): ବିଧାନସଭା ଆଗରେ ଖଣ୍ଡା ବୁଲାଇ ମହିଳା ଦୋକାନୀଙ୍କୁ ଦାଦାବଟି ମାଗିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟେଲ ବସ୍ତିର ସୁରେଶ ବେହେରା (୨୭)।

ପୁଲିସ ସୂଚନାନୁସାରେ, ଜଣେ ମହିଳା ଆଇଜି ପାର୍କ ଠେଲା ଗାଡ଼ିରେ ଦୋକାନ କରି ପରିବାର ପୋଷଣ କରିଆସୁଛନ୍ତି। ମଙ୍ଗଳବାର ସୁରେଶ ତାଙ୍କ ଦୋକାନ ପାଖକୁ ଯାଇ ଧମକ ଦେଇ ମାସିକିଆ ବଟି ମାଗିଥିଲା। ମହିଳା ଜଣକ ବିରୋଧ କରିବାରୁ ସୁରେଶ ଗାଳିଗୁଲଜ କରିବା ସହ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲା। ପ୍ରାୟ ଅଧଘଣ୍ଟା ଧରି ଆତଙ୍କ ରଚିବା ପରେ ଲୋକମାନେ ତାକୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ମହିଳା ଦୋକାନୀ ଜଣକ ଲିଖିତ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ସୁରେଶକୁ ଗିରଫ କରିବା ସହ ତା' ଠାରୁ ଖଣ୍ଡା ଓ ବାଇକ୍ ଜବତ କରିଛି।

## ଅଘଟଣ ପରେ ତତ୍ପରତା | ବିଭିନ୍ନ ସ୍ଥାନରେ ମାଞ୍ଜା ସୂତା ଚଢ଼ଉ



ଭୁବନେଶ୍ୱର, ୧୪।୧ (ସମିସ): ମାଞ୍ଜା ସୂତା ଲାଗି ଯୁବକଙ୍କ ବେକ କଟିବା ପରେ ଚେତିଛି କମିସନରେଟ ପୁଲିସ। ବୁଧବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ଆଭାସୀ ବୈଠକ କରିଛନ୍ତି। ମାଞ୍ଜା ସୂତାରେ ଯେପରି କାହାର କିଛି କ୍ଷତି ନ ହୁଏ, ସେନେଇ ଧ୍ୟାନ ଦେବାକୁ ଥାନା ଅଧିକାରୀମାନଙ୍କୁ କହିଛନ୍ତି।

ୟୁନିଟ୍ ୧ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚାଇନା ମାଞ୍ଜା ସୂତା ଓ ମାରାତ୍ମକ ପ୍ଲାଷ୍ଟିକ୍ ସୂତା ମିଳୁଛି। ସେଥିପାଇଁ ଗ୍ରାହକଙ୍କ ଭିଡ଼ ଜମୁଛି। ଆଜି ସିପିଙ୍କ ନିର୍ଦ୍ଦେଶ ପରେ ଥାନା ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଦ୍ୱିପ୍ରହରରେ କ୍ୟାପିଟାଲ ଥାନା ପୁଲିସ ପକ୍ଷରୁ ୟୁନିଟ୍ ୧ ହାଟରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ବିପୁଳ ପରିମାଣର ମାଞ୍ଜା ସୂତା ଜବତ ହୋଇଛି। କାଚ ଗୁଣ୍ଡରେ ପ୍ରସ୍ତୁତ ମାଞ୍ଜା ସୂତା ଓ ପ୍ଲାଷ୍ଟିକ ସୂତାକୁ ପୁଲିସ୍ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତକାଲି କଳ୍ପନା ଅଞ୍ଚଳର କମଳାକାନ୍ତ ସ୍କୁଟି ଯୋଗେ ଖଣ୍ଡଗିରିରୁ ପୋଖରୀପୁଟ ଆଡ଼କୁ ଯାଉଥିଲେ। ପୋଖରୀପୁଟ ଛକରେ ପହଞ୍ଚିବା ବେଳକୁ ମାଞ୍ଜା ସୂତା ଲାଗି ତାଙ୍କ ବେକ କଟି ଯାଇଥିଲା।

## ବିବାହ ଓ ନିବେଶ ଆଳରେ ଠକେଇ; ଯୁବକ ଗିରଫ



ହଂସପାଳ, ୧୪।୧(ସମିସ): ବିବାହ ଏବଂ ନିବେଶରେ ଲାଭ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକେଇ କରାଯାଇଥିବା ଅଭିଯୋଗରେ ପାହାଳ ଥାନା ପୋଲିସ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ସାନ ନଈ ଗ୍ରାମର ରାଜୀବ କୁମାର ପ୍ରଧାନଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ୨୦୨୧ ମସିହାରେ ଏକ ବୈବାହିକ ପ୍ଲାଟଫର୍ମରେ ଅଭିଯୋଗକାରିଣୀ ନିଜ ବାୟୋଡାଟା ସେୟାର କରିବା ପରେ ଅଭିଯୁକ୍ତ ନିଜକୁ "ଡକ୍ଟର ପ୍ରକାଶ ପ୍ରଧାନ" ବୋଲି ପରିଚୟ ଦେଇ ତାଙ୍କ ସହିତ ଯୋଗାଯୋଗ କରିଥିଲେ। ସେ ପରେ ନିଜ ସାନଭାଇ ତୁଷାର ପ୍ରଧାନଙ୍କୁ ରାୟଗଡ଼ା ଏସବିଆଇର ଡେପୁଟି ମ୍ୟାନେଜର ବୋଲି ଭୁଲ ସୂଚନା ଦେଇଥିଲେ। ବିବାହ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରିଣୀ ଓ ତାଙ୍କ ପରିବାର ତାଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଥିଲେ। ଅଭିଯୁକ୍ତ ଭିନ୍ନ-ଭିନ୍ନ ପରିଚୟ ଦେଖାଇ କୋଭିଡ୍-୧୯ ବରିଷ୍ଠ ନାଗରିକ ପଲିସି, ବିଭାଗୀୟ ତାଲିମ ଏବଂ ପେଟ୍ରୋଲ ପମ୍ପ ନିଲାମ ସମ୍ପର୍କରେ ମିଥ୍ୟା କଥା କହି ଅଭିଯୋଗକାରିଣୀଙ୍କ ବାପାଙ୍କୁ ଅନେକଥର ଟଙ୍କା ପଠାଇବାକୁ ପ୍ରବର୍ତ୍ତାଇଥିଲେ। ଜୁନ୍ ୨୦୨୧ ରୁ ଡିସେମ୍ବର ୨୦୨୧ ମଧ୍ୟରେ ତାଙ୍କ ନିର୍ଦ୍ଦେଶରେ ମୋଟ ୨୨, ୭୦, ୦୦୦/- ଟଙ୍କା ଚମ୍ପୁଆ ଶାଖା, ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ବିବାହକୁ ବିଳମ୍ବ କରୁଥିଲେ, କୌଣସି ପଲିସି ବଣ୍ଡ ଦେଇନଥିଲେ ଏବଂ ମିଥ୍ୟା ଆଧାରରେ ଟଙ୍କା ଦାବି କରି ଚାଲିଥିଲେ। ଏସବିଆଇ ରାୟଗଡ଼ା ଏବଂ ସିଏଚ୍ସି ମନମୁଣ୍ଡାରୁ ଯାଞ୍ଚ କରାଯାଇ ଏହା ନିଶ୍ଚିତ ହୋଇଛି ଯେ ତୁଷାର ପ୍ରଧାନ, ଡେପୁଟି ମ୍ୟାନେଜର ଏସବିଆଇ କିମ୍ବା ଡକ୍ଟର ପ୍ରକାଶ ପ୍ରଧାନ ନାମରେ ସେଠାରେ କୌଣସି ବ୍ୟକ୍ତି କାର୍ଯ୍ୟରତ ନ ଥିଲେ। ଅଭିଯୁକ୍ତ ବ୍ୟବହାର କରୁଥିବା ଦୁଇଟି ମୋବାଇଲ୍ ନମ୍ବର ସମାନ ମୋବାଇଲ୍ ହ୍ୟାଣ୍ଡସେଟ୍‌ରୁ ଚାଲୁଥିଲା ଏବଂ ସମାନ ବ୍ୟକ୍ତିଙ୍କ ସହିତ ସମ୍ପୃକ୍ତ ଥିଲା। ସିଡିଆର୍/ ଏସ୍ଡିଆର୍ ବିଶ୍ଳେଷଣ ଓ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚରୁ ଏହା ସ୍ପଷ୍ଟ ହୋଇଛି ଯେ ଅଭିଯୁକ୍ତ ରଞ୍ଜିବ କୁମାର ପ୍ରଧାନ ଅଭିଯୋଗକାରିଣୀ ଓ ତାଙ୍କ ପରିବାରକୁ ଠକିବା ପାଇଁ ନିଜକୁ ଡକ୍ଟର ପ୍ରକାଶ ପ୍ରଧାନ ଓ ତୁଷାର ପ୍ରଧାନ ବୋଲି ପରିଚୟ ଦେଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଠକେଇ ଟଙ୍କା ନେବା ପାଇଁ ସେ ନିଜ ବାପାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିବା ମଧ୍ୟ ସ୍ୱୀକାର କରିଥିଲେ।

# ସାଇବର୍ ଠକଙ୍କ ଟାର୍ଗେଟରେ ଭୁବନେଶ୍ୱର

ଭୁବନେଶ୍ୱର, ୧୪।୧ (ସମିସ): ରାଜଧାନୀ ଭୁବନେଶ୍ୱର ଉପରେ ସାଇବର ଅପରାଧୀଙ୍କ ଆଖି। ନିବେଶରେ ଅଧିକ ରିଟର୍ଣ୍ଣର ଲୋଭ ଓ ବିଭ୍ରାନ୍ତିକର ପରାମର୍ଶ ଦେଇ କୋଟି କୋଟି ଟଙ୍କା ଚୂନ ଲଗାଉଛନ୍ତି ଅପରାଧୀ। ଏଥିସହିତ ଡିଜିଟାଲ ଗିରଫଦାରୀ, ବିଦେଶରୁ ସୁନା, ବିଦେଶୀ ମୁଦ୍ରା, ମାଟ୍ରିମୋନି, ଦାମୀ ଉପହାର, କେଶର ବ୍ୟବସାୟୀରେ ପୁଞ୍ଜି ନିବେଶ, ଦାମୀ ଉପହାର, ଅଧିକ ସୁଧ, ମିଛ ନିଯୁକ୍ତି, ମିଛ କମ୍ପାନୀରେ ନିବେଶ ଏବଂ ଟ୍ରେଡିଂ ସ୍କାମ୍ ଆଳରେ କୋଟିପତି ହେବା ଭଳି ଆଶା ଦେଖାଇ ସାଇବର ଅପରାଧୀମାନେ ନିବେଶକଙ୍କ ଠାରୁ କୋଟି କୋଟି ଟଙ୍କା ଆତ୍ମସାତ୍ କରୁଛନ୍ତି। ଗତ କିଛିଦିନ ମଧ୍ୟରେ ଅନେକ ଆନ୍ତଃରାଜ୍ୟ ଠକ ଧରାପଡ଼ିଛନ୍ତି। ସେମାନଙ୍କୁ ବେନାମୀ ସିମ୍ ଓ ମ୍ୟୁଲ୍ ଆକାଉଣ୍ଟ ଯୋଗାଉଥିବା ଓଡ଼ିଆ ଠକମାନଙ୍କୁ ମଧ୍ୟ ଗିରଫ କରାଯାଇଛି।

କେରଳ ଲଟେରୀ, ଋଣ ଯୋଗାଇବା ଓ ଗିଫ୍ଟ ଭାଉଚର ଆଳରେ କୋଟି କୋଟି ଟଙ୍କା ଉଡ଼ାଇ ନେଇଥିବା ୧୫ ଜଣିଆ ସାଇବର ଠକଙ୍କୁ ଗିରଫ କରିଥିଲା କମିସନରେଟ ପୁଲିସ। ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ମଧ୍ୟ ରହିଥିଲେ। ସେହିପରି କ୍ରେଡିଟ୍ କାର୍ଡ ଭେରିଫିକେସନ୍ ଓ ଏସବିଆଇ ୟୋନୋ ଆଳରେ ଏପିକେ ଫାଇଲ୍ ଦ୍ୱାରା ୧୦ ଲକ୍ଷ ଟଙ୍କା ଠକି ନେଇଥିବା ପଶ୍ଚିମବଙ୍ଗର ଦୁଇ ଜଣଙ୍କୁ ଗିରଫ କରିଥିଲା। ପୁଲିସ ତଥ୍ୟ କହୁଛି, ସାଇବର ଠକମାନେ ରାଜଧାନୀରୁ ଗତବର୍ଷ ୫୭ କୋଟି ୫୮ ଲକ୍ଷ ୪ ହଜାର ୯୩୦ ଟଙ୍କା ଉଡ଼ାଇ ନେଇଛନ୍ତି। ମୋଟ ୨୫୧ ମାମଲାରେ ୬୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଗଷ୍ଟରେ ସର୍ବନିମ୍ନ ୧ କୋଟି ୬୪ ଲକ୍ଷ ୮୦ହଜାର ଟଙ୍କା ଠକେଇ ହୋଇଥିବା ବେଳେ ଡିସେମ୍ବରରେ ସର୍ବାଧିକ ୭ କୋଟି ୬୭ ଲକ୍ଷ ୧୫ ହଜାର ୪୭୫ ଟଙ୍କା ଠକି ନେଇଛନ୍ତି। ସେହିପରି ନଭେମ୍ବର ମାସରେ ପୁଲିସ ସର୍ବାଧିକ ୨୭ ମାମଲା ରୁଜୁ କରି ୧୭ ଜଣଙ୍କୁ ଗିରଫ କରିଛି। ବର୍ଷକରେ ୫୮ କୋଟି ଠକେଇ ହୋଇଥିବା ବେଳେ ମୋଟ ଠକେଇ ଟଙ୍କାରୁ ୨୨ କୋଟି ୫୩ ଲକ୍ଷ ୭୫ ହଜାର ୯୦୫ ଟଙ୍କା ଅଭିଯୋଗକାରୀମାନେ ଫେରି ପାଇଛନ୍ତି।



### ଖସି ଯାଉଛନ୍ତି ଶିକ୍ଷିତ; ଫସୁଛନ୍ତି ଅଳ୍ପ ଶିକ୍ଷିତ

ଅଦୃଶ୍ୟ ଅପରାଧୀମାନେ ଇଣ୍ଟରନେଟ୍ ବ୍ୟବହାର ହେଉଥିବା ମୋବାଇଲ୍ ଓ କମ୍ପ୍ୟୁଟରକୁ ଅସ୍ତ୍ର କରି ଲୋକଙ୍କ ନିକଟରେ ପହଞ୍ଚି ଯାଉଛନ୍ତି। ଆଉ ଅତି ସହଜରେ ଲୋକମାନେ ବ୍ୟବହାର କରୁଥିବା ସୋସିଆଲ୍ ମିଡିଆ ଓ ଆର୍ଥିକ କାରବାର ଆପ୍‌ରୁ ସେମାନଙ୍କ ଆବଶ୍ୟକତା ଓ ସ୍ଥିତିକୁ ପରଖି ନେଉଛନ୍ତି। ବିଭିନ୍ନ ଲୋଭନୀୟ ଅଫର୍ ଦେଖାଇ ଆକାଉଣ୍ଟ ଶୂନ କରି ଦେଉଛନ୍ତି। ବିଶେଷ କରି ଚାଇନା, ହଂକଂ, ଦୁବାଇ ଏବଂ ମାଲେସିଆରେ ଥିବା ସାଇବର ଅପରାଧୀ ଏହି ଠକେଇର ରଣନୀତି ପ୍ରସ୍ତୁତ କରିଥାଆନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାଇବର ଠକ ମାନେ ଟଙ୍କା ଠକିବା ପାଇଁ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର କରୁଛନ୍ତି। ଅଳ୍ପ ଶିକ୍ଷିତ ବା ଶ୍ରମିକ ଶ୍ରେଣୀୟ ଲୋକମାନଙ୍କୁ କମିସନ ଲୋଭ ଦେଖାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନେଇ ଆସୁଛନ୍ତି। ସେହି ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଲୋକମାନଙ୍କ ଠାରୁ ଠକି ନେଉଥିବା ଟଙ୍କାକୁ ଗ୍ରହଣ କରୁଛନ୍ତି। ପରବର୍ତ୍ତୀ ସମୟରେ କମିସନ୍ ଟଙ୍କା ଛାଡ଼ି ବାକି ଟଙ୍କାକୁ ଆକାଉଣ୍ଟରୁ ଉଠାଇ ନେଉଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଯେଉଁ ବ୍ୟକ୍ତିର ବ୍ୟାଙ୍କ୍ ଆକାଉଣ୍ଟ (ମ୍ୟୁଲ୍)କୁ ଟଙ୍କା ଯାଇଛି, ତାକୁ ଗିରଫ କରୁଛି। ହେଲେ ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚି ପାରୁନାହିଁ।

### ଢାଲ ସାଜିଛନ୍ତି ଓଡିଆ ଲୋକ

ବିଦେଶରେ ରହି ରିଂ ମାଷ୍ଟର ସାଇବର ଅପରାଧକୁ ଅପରେଟ୍ କରୁଛି। ଏଥିଲାଗି କାମ୍ବୋଡିଆ, ଥାଇଲ୍ୟାଣ୍ଡ ଭଳି ସ୍ଥାନରେ କଲ୍ ସେଣ୍ଟର ଖୋଲାଯାଉଛି। ସେଠାରେ ଓଡିଆ ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦିଆଯାଉଛି। ଭଲ ହିନ୍ଦୀ ଓ ଇଂରାଜୀ କହୁଥିବା ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦିଆଯିବା ପରେ ଆରମ୍ଭ ହୋଇଯାଉଛି ଅପରେସନ୍। କଲ୍ ସେଣ୍ଟରରୁ ଲୋକଙ୍କ ନିକଟକୁ କଲ୍ ଓ ମେସେଜ୍ ପଠାଯାଉଛି। ଯେଉଁମାନଙ୍କ ନିକଟକୁ ଫୋନ୍ ଯାଉଛି ସେମାନଙ୍କର ସନ୍ଦେହ ହେଉନାହିଁ। ବିଶେଷକରି ଓଡ଼ିଶାକୁ ଆସିଥିବା ମେସେଜ୍?ରେ ଏମାନେ ଓଡିଆରେ ଲେଖୁଥିଲେ। ଅନେକ ସମୟରେ ଓଡିଆରେ ବି କଥା ହେଉଥିବାରୁ କାହାର ସନ୍ଦେହ ହେଉନଥିଲା। ଫଳରେ ଓଡିଆ ଯୁବକ-ଯୁବତୀଙ୍କୁ ଢାଲ କରି ସାମ୍ରାଜ୍ୟ ଚଳାଉଛନ୍ତି ସାଇବର ଅପରାଧୀ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୫୦ ● ପାଉଣ୍ଡ ୧୨୧.୧୬
- ୟୁରୋ ୧୦୫.୫୬ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୬୫୦ (ନୂଆଦିଲ୍ଲୀ)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୩୮୨.୦୦
- ନିଫ୍ଟି ୨୫,୬୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଶୁଳ୍କ ନିଷ୍ପତ୍ତିର ବୈଧତା ଉପରେ ଆସିଲାନି ରାୟ

ୱାଶିଂଟନ୍, ୧୪।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସାରା ବିଶ୍ୱ ଉପରେ ଲାଗୁ କରିଥିବା ଶୁଳ୍କ ନିଷ୍ପତ୍ତିର ବୈଧତା ଉପରେ ଆଜି ଆମେରିକା କୋର୍ଟରେ କୌଣସି ଶୁଣାଣି ହୋଇନାହିଁ। କାରଣ ସୁପ୍ରିମକୋର୍ଟ ଆଜି ଶୁଳ୍କ ଉପରେ କୌଣସି ରାୟ ଦେଇନାହାଁନ୍ତି। ଟାରିଫ୍ ପ୍ରସଙ୍ଗରେ କୋର୍ଟରେ ହେବାକୁ ଥିବା ଶୁଣାଣି ଟଳିଯାଇଛି। ସୁପ୍ରିମକୋର୍ଟ ଆଜି ଶୁଳ୍କ ଉପରେ କୌଣସି ରାୟ ଦେଇନାହାଁନ୍ତି। ଏକ ରିପୋର୍ଟ ଅନୁଯାୟୀ, କୋର୍ଟ ଆଜି ତିନୋଟି ମାମଲାରେ ଶୁଣାଣି କରିଥିବାବେଳେ ସେଥିରେ ଟ୍ରମ୍ପଙ୍କ ଶୁଳ୍କ ପ୍ରସଙ୍ଗକୁ ସାମିଲ କରାଯାଇନାହିଁ। ଏହି ମାମଲାରେ କୋର୍ଟ କେବେ ନିଷ୍ପତ୍ତି ନେବେ ସେ ସମ୍ପର୍କରେ ଏଯାଏ କୌଣସି ସୂଚନା ଦିଆଯାଇନାହିଁ। ତେବେ ଆମେରିକା ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ଉପରେ ନେଇ ଆଜି ଆମେରିକା ରାଷ୍ଟ୍ରପତିଙ୍କ ସମେତ ବିଶ୍ୱବ୍ୟାପୀ ବ୍ୟବସାୟିକ ସଂସ୍ଥାଗୁଡିକ ନଜର ରଖିଥିଲେ।




ସୂଚନାଯୋଗ୍ୟ, ଟ୍ରମ୍ପ ପ୍ରଶାସନ ଆଇଇଇପିଏ (ଆନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନ) ନାମକ ଏକ ଆଇନ ଅଧୀନରେ ବ୍ୟାପକ ଶୁଳ୍କ ଲାଗୁ କରିଛି, କିନ୍ତୁ ଅନେକ ରାଜ୍ୟ, କମ୍ପାନୀ ଏବଂ ଆମଦାନୀକାରୀ ଦାବି କରୁଛନ୍ତି ଯେ ରାଷ୍ଟ୍ରପତିଙ୍କ ପାଖରେ ସମ୍ବିଧାନ କିମ୍ବା ଆଇନ ଅନୁଯାୟୀ ଏପରି ଶୁଳ୍କ ଲାଗୁ କରିବାର ସ୍ପଷ୍ଟ ଅଧିକାରନାହିଁ। ପୂର୍ବରୁ ଆମେରିକାର ପୁଞ୍ଜି ଜବାର ଅନୁମାନ କରୁଥିବଲା ଯେ, ଟାରଇଫ୍ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ବିରୁଦ୍ଧରେ ରାୟ ଦେଇପାରନ୍ତି। ଏଥିପାଇଁ ଅନେକ ଯୁକ୍ତି ଦର୍ଶାଯାଉଛି। ସମ୍ବିଧାନ ଅନୁଯାୟୀ, ଶୁଳ୍କ ଲାଗୁ କରିବାର କ୍ଷମତା ମୁଖ୍ୟତଃ ଆମେରିକୀୟ କଂଗ୍ରେସ ପାଖରେ ଅଛି, ସିଧାସଳଖ ରାଷ୍ଟ୍ରପତିଙ୍କ ପାଖରେ ନୁହେଁ। ଟ୍ରମ୍ପ୍ ଆନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନ ନାମକ ଏକ ଆଇନ ବ୍ୟବହାର କରି ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ସମାଲୋଚକମାନେ କହିଛନ୍ତି ଯେ ଏହା ସ୍ପଷ୍ଟ ଭାବରେ ରାଷ୍ଟ୍ରପତିଙ୍କୁ ଶୁଳ୍କ ଲାଗୁ କରିବାର ଏତେ ବ୍ୟାପକ କ୍ଷମତା ପ୍ରଦାନ କରେ ନାହିଁ।

ଟ୍ରମ୍ପ ପ୍ରଶାସନ ଏକ ଜାତୀୟ 'ଅର୍ଥନୈତିକ ଜରୁରୀକାଳୀନ ପରିସ୍ଥିତି' ଘୋଷଣା କରି ଏହି ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ବିରୋଧୀ ଯୁକ୍ତି ଦେଇଛନ୍ତି ଯେ ଏପରି ନିଷ୍ପତ୍ତିକୁ ଯଥାର୍ଥ କରିବା ପାଇଁ କୌଣସି ଅସାଧାରଣ କିମ୍ବା ତୁରନ୍ତ ସଙ୍କଟ ଦେଶରେ ଦେଖାଦେଇ ନ ଥିଲା।

**ଟାରିଫ୍ ବିରୋଧରେ ରାୟ ଆସିଲେ ବାରବାଦ୍ ହୋଇଯିବ ଆମେରିକା:ଟ୍ରମ୍ପ୍**

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଶୁଳ୍କ ବିରୁଦ୍ଧରେ କୋର୍ଟର ରାୟ କୌଣସି ସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରିବାର ସମ୍ଭାବନା କମ୍। ଟ୍ରମ୍ପ ଶୁଳ୍କ ପାଇଁ ଅନ୍ୟ ଉପାୟ ଅନୁସରଣ କରିପାରନ୍ତି। କୋର୍ଟର ତାଙ୍କୁ ସମ୍ଭାବ୍ୟ ଭାବରେ ଅସ୍ଥାୟୀ ଆଶ୍ୱସ୍ତି ମିଳିପାରେ। ପ୍ରକୃତରେ, ଏହା ଅନୁମାନ କରାଯାଉଛି ଯେ ଯଦି କୋର୍ଟ ଶୁଳ୍କ ବିରୁଦ୍ଧରେ ରାୟ ଦିଅନ୍ତି, ତେବେ ଟ୍ରମ୍ପ ଧାରା ୧୨୨ ଲାଗୁ କରିପାରିବେ, ଯାହାର ଅର୍ଥ ହୋଇପାରେ ୧୫୦ ଦିନ ପାଇଁ ୧୫% ଶୁଳ୍କ ଲାଗୁ କରାଯାଇପାରିବ। ଏହା ଭାରତ ପାଇଁ ଏକ ସକାରାତ୍ମକ, କାରଣ ଭାରତ ଏହାଠାରୁ ବହୁତ ଅଧିକ ଶୁଳ୍କର ସମ୍ମୁଖୀନ ହେଉଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ପ୍ରୟାସ ଚାଲିଥିବା ବେଳେ, ଭାରତ ଏବଂ ଆମେରିକା ମଧ୍ୟରେ ଏକ ଚୁକ୍ତିନାମାରେ ପହଞ୍ଚିବା ପାଇଁ ମଧ୍ୟ ପ୍ରୟାସ ଚାଲିଛି। ଯଦି ଟ୍ରମ୍ପ ଶୁଳ୍କ ଉପରେ କୌଣସି ନୂତନ ପଦକ୍ଷେପ ନ ନିଅନ୍ତି, ତେବେ ଏହି ପ୍ରୟାସଗୁଡ଼ିକୁ ଆଉ ୩-୪ ମାସ ଲାଗିପାରେ, ଯାହା ଭାବନାକୁ ଉନ୍ନତ କରିବ।

ଏକ ରିପୋର୍ଟରେ, ବୋନାଞ୍ଜା ରିସର୍ଚ୍ଚ ବିଶ୍ଳେଷକ ନିତାନ୍ତ ଡାରେକର କହିଛନ୍ତି ଯେ ଶୁଳ୍କ ବିରୁଦ୍ଧରେ ସୁପ୍ରିମକୋର୍ଟର କୌଣସି ରାୟ ବଜାର ଭାବନାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାର ସମ୍ଭାବନା କମ୍। ସେ କହିଛନ୍ତି, ଶୁଳ୍କ ହେଉଛି ଟ୍ରମ୍ପଙ୍କ ମୂଳ ରଣନୀତିର ଏକ ଅଂଶ, ଏବଂ ସେଗୁଡ଼ିକୁ ଲାଗୁ କରିବା ପାଇଁ ତାଙ୍କ ପାଖରେ ଅନ୍ୟାନ୍ୟ ଆଇନଗତ ଉପାୟ ଅଛି। ବଜାର ପୂର୍ବରୁ ଅନୁମାନ କରୁଛି ଯେ କୌଣସି ବଡ଼ ନୀତିଗତ ପରିବର୍ତ୍ତନ ହେବ ନାହିଁ, ଏବଂ ନିବେଶକମାନେ କର୍ପୋରେଟ୍ ଫଳାଫଳ ଏବଂ ବିଶ୍ୱ ସଙ୍କେତ ଉପରେ ଧ୍ୟାନ ଦେବେ।

## କ୍ରେଡାଇ ଓଡିଶା ପକ୍ଷରୁ ସାଧାରଣ କ୍ଷେତ୍ର ଉପରେ ଷ୍ଟାମ୍ପ୍ ଡ୍ୟୁଟି ସଂସ୍କାରକୁ ସ୍ୱାଗତ

ଭୁବନେଶ୍ୱର,୧୪।୧(ସମିସ): ସାଧାରଣ କ୍ଷେତ୍ର ଏବଂ ସୁବିଧା ହସ୍ତାନ୍ତର ଉପରେ ଷ୍ଟାମ୍ପ୍ ଡ୍ୟୁଟିକୁ ଯୁକ୍ତିଯୁକ୍ତ କରି ରାଜ୍ୟ ସରକାର ଆପାର୍ଟମେଣ୍ଟ ପ୍ରକଳ୍ପର ପଞ୍ଜୀକରଣ ପ୍ରକ୍ରିୟାରେ ଏକ ପ୍ରମୁଖ ସଂସ୍କାର ଆଣିଛନ୍ତି। ଏହି ପଦକ୍ଷେପକୁ ଭାରତୀୟ ରିଅଲ ଇଷ୍ଟେଟ୍ ଡେଭଲପର୍ସ

ଆସୋସିଏସନ୍ (କ୍ରେଡାଇ), ଓଡ଼ିଶା ରାଜ୍ୟ ଫେଡେରେସନ୍ ସ୍ୱାଗତ କରିଛି। ଦଲିଲ ସମ୍ପାଦନ ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ଦେବାର ଆବଶ୍ୟକତା ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରେ ଏକ ବଡ଼ ଆର୍ଥିକ ବୋଝ ସୃଷ୍ଟି କରିଥିଲା ଏବଂ ସଠିକ୍ ସମୟରେ ପଞ୍ଜିକରଣ କରିବା କ୍ଷେତ୍ରରେ ବ୍ୟାବହାରିକ ବାଧା ସୃଷ୍ଟି କରିଥିଲା। ରାଜ୍ୟ ସରକାର ଷ୍ଟାମ୍ପ ଆଇନ ୧୮୯୯ ର ସିଡ୍ୟୁଲ-ଆଇ-ଏ ର ଆର୍ଟିକିଲ-୨୩ ଅଧୀନରେ ଏକ ନୂତନ 'କ୍ଲଜ୍-ଡି ଯୋଡିଛନ୍ତି। ଏହି ସଂଶୋଧନ ଫଳରେ ସାଧାରଣ ସ୍ଥାନ ଏବଂ ସୁବିଧାଗୁଡ଼ିକର ହସ୍ତାନ୍ତର ଦଲିଲ ସମ୍ପାଦନ ପାଇଁ 'ଆଲୋଟି ଆସୋସିଏସନକୁ ବର୍ତ୍ତମାନ ମାତ୍ର ୫୦,୦୦୦ ଟଙ୍କାର ଏକ ନାମମାତ୍ର ଷ୍ଟାମ୍ପ ଶୁଳ୍କ ଦେବାକୁ ପଡ଼ିବ। ନ୍ୟାସନାଲ କ୍ରେଡାଇର ଉପାଧ୍ୟକ୍ଷ ତଥା କ୍ରେଡାଇ ଓଡ଼ିଶା ଷ୍ଟେଟ୍ ଫେଡେରେସନର ସଭାପତି ସ୍ୱଦେଶ କୁମାର ରାଉତରାୟ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ ଏବଂ



କ୍ରେଡାଇ ଭୁବନେଶ୍ୱରର ସଭାପତି ଶେଖ୍ ମେରାଜୁଲ ହକ୍, ସମ୍ପାଦକ କଳିଙ୍ଗ କେଶରୀ ରଥଙ୍କ ସମେତ କ୍ରେଡାଇ ଓଡ଼ିଶା ଷ୍ଟେଟ୍ ଫେଡେରେସନ ଓ ଏହାର ସହର ଶାଖାଗୁଡ଼ିକର ଅନ୍ୟାନ୍ୟ କର୍ମକର୍ତ୍ତାମାନେ, ନଗର ଉନ୍ନୟନ ମନ୍ତ୍ରୀ, ଆଇନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂହଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

## ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ବ୍ରାଇଡ଼ାଲ ଅଭିଯାନ

ଭୁବନେଶ୍ୱର,୧୪।୧(ସମିସ): ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ ଏହାର ନୂତନ ବ୍ରାଇଡ଼ାଲ ଅଭିଯାନର ଶୁଭାରମ୍ଭ ଘୋଷଣା କରିଛି। ଇନ୍ଦ୍ରିୟାର ବ୍ରାଇଡ଼ାଲ ଜୁଏଲାରୀ ସଂଗ୍ରହରେ ଷ୍ଟେଟମେଣ୍ଟ ନେକ୍‌ଲେସଠାରୁ ଆରମ୍ଭ କରି ମଥାମଣି, ଚୁଡ଼ି, ମଥାପଟି,କାନଫୁଲ ଏବଂ ଅନ୍ୟାନ୍ୟ ଅଳଙ୍କାର ସହିତ ଇନ୍ଦ୍ରିୟା ପାଖରେ ରହିଛି ସୁନା, ପୋଲକି ଏବଂ ହୀରାରେ ନିର୍ମିତ ୨୮,୦୦୦ରୁ ଅଧିକ କୃତି ରହିଛି। ଏହି ସଂଗ୍ରହର ମୁଖ୍ୟ ଆକର୍ଷଣ ହେଉଛି ଇନ୍ଦ୍ରିୟାର ସପ୍ତପଦ୍ମ, ଯାହା ବିବାହର ୭ଟି ପବିତ୍ର ଶପଥ ଏବଂ ପବିତ୍ରତାର ପ୍ରତୀକ ପଦ୍ମଫୁଲ ଦ୍ୱାରା ଅନୁପ୍ରାଣୀତ ଏକ ସ୍ୱତନ୍ତ୍ର ନେକଲେସ। ୨୨ କ୍ୟାରେଟ ହଳଦିଆ ସୁନାରେ ନିର୍ମିତ ଏହି ହାରରେ ପଦ୍ମପାଖୁଡ଼ାର ସ୍ତର ରହିଛି ଯେଉଁଥିରେ ବିବାହର ୭ଟି ପବିତ୍ର ଶପଥକୁ ଅତି ସୂକ୍ଷ୍ମ ଭାବେ ଖୋଦେଇ କରାଯାଇଛି। ଏହି ଅଭିଯାନର ଏକ ସୁନ୍ଦର ଶୁଭାରମ୍ଭ ଫିଲ୍ମ ମାଧ୍ୟମରେ ବିବାହ ପୂର୍ବର ସେହି ବହୁ ମୂଲ୍ୟ ମୁହୂର୍ତ୍ତକୁ ପ୍ରଦର୍ଶିତ କରାଯାଇଛି। ଏହାର କାହାଣୀ ଆଧୁନିକ କନ୍ୟାର ଶକ୍ତିଶାଳୀ ଦୃଷ୍ଟିକୋଣ ଏବଂ ବ୍ରାଣ୍ଡର ମୂଳ ଚିନ୍ତାଧାରା "ଦିଲ ଅଭି ଭରା ନେହିଁ"କୁ ଦର୍ଶାଉଛି। ଏଥିରେ କନ୍ୟାର ପରିବାର ଏବଂ ନିକଟତର ବନ୍ଧୁମାନେ ସାମିଲ ଅଛନ୍ତି ଯେଉଁମାନେ କି ତାଙ୍କ ସ୍ୱପ୍ନକୁ ଅତି ନିକଟରୁ ଦେଖିଥିବା ମାର୍କେଟିଙ୍ଗ ଏବଂ ଭିଜୁଆଲ ମର୍ଚ୍ଚାଡ଼ାଇଜିଙ୍ଗ ମୁଖ୍ୟ(ଇନ୍ଦ୍ରିୟା) ଶାନ୍ତିସ୍ୱରୂପ ପଣ୍ଡା କହିଛନ୍ତି।




**ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍‌ର ନୂଆ ନିୟମ**

## କ୍ରିପ୍ଟୋ ଆକାଉଣ୍ଟ ଖୋଲିବା ପାଇଁ ଲାଇଭ୍ ସେଲ୍‌ଫି ଅନିବାର୍ଯ୍ୟ

ନୂଆଦିଲ୍ଲୀ,୧୪।୧(ଏଜେନ୍ସି): କ୍ରିପ୍ଟୋକରେନ୍ସି ନିବେଶକଙ୍କ ଲାଗି କେନ୍ଦ୍ର ସରକାର ଜାରି କରିବାକୁ ଯାଉଛନ୍ତି ନୂଆ ନିୟମ। ଏଥିରେ ଜଣେ ଏକ ନୂତନ କ୍ରିପ୍ଟୋ ଆକାଉଣ୍ଟ ଖୋଲଇବା ପାଇଁ ଲାଇଭ୍ ସେଲ୍ଫି, ଜିଓ-ଟ୍ୟାଗିଂ ଏବଂ ଓଟିପି ଦେବାକୁ ପଡିବ। ଦେଶରେ କ୍ରିପ୍ଟୋ ଠକେଇ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାକୁ ନଜରରେ ରଖି ସରକାର ଏହି କଠୋର ନିୟମ ସରକାର ଲାଗୁ କରିବାକୁ ଯାଉଛନ୍ତି। ଏହାର ଅର୍ଥ ହେଉଛି କ୍ରିପ୍ଟୋରେ ନିବେଶ ପାଇଁ ନିୟମ ଆଉ ପୂର୍ବ ପରି ସରଳ ରହିବ ନାହିଁ।




କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍ଆଇୟୁ) କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ପାଇଁ ଏହି ନୂତନ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକୁ ପାଳନ କରିବାକୁ ପଡିବ, ନଚେତ୍, କ୍ରିପ୍ଟୋ ନିବେଶକମାନେ ବଡ଼ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହି ନୂତନ ପରିବର୍ତ୍ତନଗୁଡ଼ିକ ଆତଙ୍କବାଦ ପାଣ୍ଠି ଯୋଗାଣ ଏବଂ ମନି ଲଣ୍ଡରିଂ ଭଳି ବେଆଇନ କାର୍ଯ୍ୟକଳାପକୁ ରୋକିବା ସହିତ ଠକେଇକୁ ରୋକିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମରେ କ୍ରିପ୍ଟୋ ଆକାଉଣ୍ଟ ଖୋଲିବା ପାଇଁ ମୋବାଇଲ୍ ଓଟିପି ସହିତ ଇ-ମେଲ୍ ଯାଞ୍ଚକୁ ବାଧ୍ୟତାମୂଳକ କରାଯାଇଛି। ପେନି ଡ୍ରପ୍ ପ୍ରକ୍ରିୟା ଭାବରେ ଜଣାଶୁଣା ବ୍ୟାଙ୍କ ଆକାଉଣ୍ଟ ସୂଚନା ଯାଞ୍ଚ କରିବା ପାଇଁ ଏକ ଟଙ୍କା କାରବାର ଆବଶ୍ୟକ ହେବ। ଯାଞ୍ଚ ପାଇଁ ପ୍ୟାନ୍ କାର୍ଡ, ଆଧାର କାର୍ଡ ଏବଂ ଭୋଟର ପରିଚୟପତ୍ର ଭଳି ଡକ୍ୟୁମେଣ୍ଟ ଆବଶ୍ୟକ ହେବ।

ନିୟମ ଅନୁଯାୟୀ, କ୍ରିପ୍ଟୋ ଏକ୍ସଚେଞ୍ଜ ପାଇଁ ମଧ୍ୟ ନିୟମାବଳୀ ସ୍ଥାପନ କରାଯାଇଛି। ସରକାର କହିଛନ୍ତି ଯେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକୁ ଅତି କମରେ ୫ ବର୍ଷ ପାଇଁ ସମସ୍ତ ଗ୍ରାହକ କାରବାର ତଥ୍ୟ ସଂରକ୍ଷଣ କରିବାକୁ ପଡିବ। ଅଧିକ ବିପଦପୂର୍ଣ୍ଣ ଗ୍ରାହକ ବୋଲି ବିବେଚିତ ଏକ୍ସଚେଞ୍ଜ ପାଇଁ ଇ-କେୱାଇସି ପ୍ରକ୍ରିୟା ୬ ମାସ ପାଇଁ ଏବଂ ଅନ୍ୟ ଗ୍ରାହକଙ୍କ ପାଇଁ ଗୋଟିଏ ବର୍ଷ ପାଇଁ ବାଧ୍ୟତାମୂଳକ କରାଯିବା ଉଚିତ। ଏଥିରେ ଇ-କେୱାଇସି ନିୟମ ଅନୁଯାୟୀ, କେବଳ ଡକ୍ୟୁମେଣ୍ଟ ଅପଲୋଡ୍ କରିବା ଦ୍ୱାରା କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବନାହିଁ। ଏହା ବଦଳରେ, ଗ୍ରାହକମାନଙ୍କୁ କ୍ରିପ୍ଟୋ ଆକାଉଣ୍ଟ ଖୋଲିବା ପାଇଁ ଏକ ଲାଇଭ୍ ସେଲଫି ଅପଲୋଡ୍ କରିବାକୁ ପଡିବ, ଯେଉଁଥିରେ ମୁଣ୍ଡ ହଲାଇବା ଏବଂ ଆଖି ମିଟି ମିଟି କରିବା ଭଳି ଇଙ୍ଗିତ ଅନ୍ତର୍ଭୁକ୍ତ କରାଯାଇଛି।

## ଗୋଟିଏ ଦିନରେ ୮୯୨ ଟ୍ରେନ୍ ଇଣ୍ଟରଚେଞ୍ଜ

ନୂଆଦିଲ୍ଲୀ,୧୪।୧(ଏଜେନ୍ସି): ଭାରତୀୟ ରେଳବାଇ ଦେଶରେ ମାଲ ପରିବହନକୁ ପୁନଃ ପରିଭାଷିତ କରୁଛି। ଏକ ଦ୍ରୁତ, ବିଶ୍ୱସନୀୟ ଏବଂ ସୁଲଭ ରେଳ ମାଲ ପରିବହନ ସମାଧାନ ପ୍ରଦାନ କରି ମାଲ ପରିବହନରେ ଏକ ନୂତନ ରେକର୍ଡ ସ୍ଥାପନ କରିଛି। ଉନ୍ନତ ଭିତ୍ତିଭୂମି, ଉଚ୍ଚ କ୍ଷମତା ବିଶିଷ୍ଟ କରିଡର ଏବଂ ଆଧୁନିକ ପରିଚାଳନା ପ୍ରଣାଳୀକୁ ମିଶାଇ, ଉତ୍ସର୍ଗୀକୃତ ମାଲ କରିଡର (ଡିଏଫସି) ନେଟୱାର୍କ ବିଭିନ୍ନ ଅଞ୍ଚଳରେ ସାମଗ୍ରୀର ଦକ୍ଷ ପରିବହନ ସୁନିଶ୍ଚିତ କରୁଛି, ପରିବହନ ସମୟ ଏବଂ ଖର୍ଚ୍ଚ ହ୍ରାସ କରୁଛି। ଏହାର ନିରବଚ୍ଛିନ୍ନ ଉଚ୍ଚ-ଘନତ୍ୱ ମାଲ ପରିବହନର ଧାରାକୁ ଜାରି ରଖି, ଡେଡିକେଟେଡ ଫ୍ରାଇଟ୍ କରିଡର କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଡିଏଫସିସିଆଇଏଲ) ଡିଏଫସି ନେଟୱାର୍କରେ ସର୍ବାଧିକ ଟ୍ରେନ୍ ଅଦଳ ବଦଳ ସହିତ ପରିଚାଳନା ଦକ୍ଷତାର ଏକ ନୂତନ ମାନଦଣ୍ଡ ପ୍ରତିଷ୍ଠା କରିଛି। ଜାନୁଆରୀ ୫ରେ ଡିଏଫସି ନେଟୱାର୍କ ଏବଂ ଭାରତୀୟ ରେଳବାଇର ୫ଟି ଜୋନ୍ ମଧ୍ୟରେ ଗୋଟିଏ ଦିନରେ ମୋଟ ୮୯୨ ଇଣ୍ଟରଚେଞ୍ଜ ଟ୍ରେନ୍ ପରିଚାଳନା କରାଯାଇଥିଲା, ଯାହା କରିଡର କାର୍ଯ୍ୟକ୍ଷମ ହେବା ପରଠାରୁ ହାସଲ କରାଯାଇଥିବା ସର୍ବାଧିକ ଅଦଳ ବଦଳ ରେକର୍ଡ।

**ମାଲ ପରିବହନରେ ରେଳବାଇର ନୂଆ ରେକର୍ଡ**

## ୮ ମାସର ସର୍ବୋଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୪।୧(ଏଜେନ୍ସି): ଗତ ୮ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ପାଇକାରୀ ମୁଦ୍ରାସ୍ଫୀତି। ଡିସେମ୍ବର ମାସରେ ହୋଲସେଲ ଦର ସୂଚକାଙ୍କ ୦.୮୩%କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଗତ ଦୁଇ ମାସ ହେବ ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ମାଇନସରେ ଚାଲୁଥିଲା। ବର୍ତ୍ତମାନ ଏହା ୮ ମାସର ରେକର୍ଡ ଭାଙ୍ଗିଛି। ଖାଲି ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ନୁହେଁ ଖୁଚୁରା ମୁଦ୍ରା ସ୍ଫୀତିରେ ମଧ୍ୟ ରେକର୍ଡ ବୃଦ୍ଧି ହୋଇଛି ।ଦେଶରେ ମହଙ୍ଗା ସ୍ଥିତି ଉତ୍କଟ ହେଲାଣି। ଯେଉଁ ସମୟରେ ଦରଦାମ କମିବା କଥା ସେହି ସମୟରେ ଓଲଟି ବଢ଼ି ଚାଲିଛି। ହୋଲସେଲ ମୁଦ୍ରାସ୍ଫୀତି ଗତ ୮ ମାସରେ ରେକର୍ଡ ଭାଙ୍ଗିଛି। ୧୪ ଜାନୁଆରୀରେ ବାଣିଜ୍ୟ ମନ୍ତ୍ରଣାଳୟ ଜାରି କରିଥିବା ରିପୋର୍ଟ ଅନୁସାରେ, ଡିସେମ୍ବର ମାସରେ ହୋଲସେଲ ପ୍ରାଇସ୍ ଇଣ୍ଡେକ୍ସ ୦.୮୩%କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଗତ ଦୁଇ ମାସ ହୋଲସେଲ ଦର ମାଇନସରେ ଚାଲୁଥିଲା। ହେଲେ ଡିସେମ୍ବରରେ ବଡ଼ ବୃଦ୍ଧି ହୋଇଛି ।୨୦୨୫ ନଭେମ୍ବର ମାସରେ ହୋଲସେଲ୍ ଦର ମାଇନସ ୦.୩୨% ଥିଲା। ସେହିପରି ଅକ୍ଟୋବରରେ ଥିଲା ମାଇନସ ୧.୨୧% । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ମହଙ୍ଗା ହେବାରୁ ଏଭଳି ସ୍ଥିତିରେ ଉପୁଜିଛି ।ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବା ପ୍ରାଇମେରି ଆର୍ଟିକଲ୍ସର ମୁଦ୍ରାସ୍ଫୀତି ମାଇନସ୍ ୨.୯୩% ରୁ ବଢ଼ି ୦.୨୧% ହୋଇଛି। ଖାଦ୍ୟ ସାମଗ୍ରୀ (ଫୁଡ୍ ଇଣ୍ଡେକ୍ସ) ପାଇଁ ମୁଦ୍ରାସ୍ଫୀତି ମାଇନସ୍ ୨.୬୦% ରୁ ୦% କୁ ବୃଦ୍ଧି ପାଇଛି। ସେହିପରି ଇନ୍ଧନ ଏବଂ ଶକ୍ତି ପାଇଁ ପାଇକାରୀ ମୁଦ୍ରାସ୍ଫୀତି ମାଇନସ୍ ୨.୨୭% ରୁ ହ୍ରାସ ପାଇ ମାଇନସର ୨.୩୧% କୁ ହ୍ରାସ ପାଇଛି। ମେନୁଫେକ୍ଚରିଂ ପ୍ରଡକ୍ଟର ହୋଲସେଲ ପ୍ରାଇସ୍ ୧,୩୩%ରୁ ବଢ଼ି ୧.୮୨% କୁ ବୃଦ୍ଧି ପାଇଛି। ସେହିପରି ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ୩ ମାସରେ ସର୍ବୋଚ୍ଚ ସ୍ତର ପହଞ୍ଚିଛି। ଗତବର୍ଷ ନେଭେମ୍ବର ମାସ ତୁଳନାରେ ଏହା ୧.୩୩% ବୃଦ୍ଧି ପାଇଛି। ଡାଲି, ପନିପରିବା, ମାଂସ, ମାଛ, ଅଣ୍ଡା ଏବଂ ବିଦ୍ୟୁତ୍ର ମୂଲ୍ୟ ବୃଦ୍ଧି ବଢ଼ିବା ଯୋଗୁ ଖୁଚୁର ମୁଦ୍ରାସ୍ଫୀତି ବଢ଼ିଛି।

## କ୍ରୁଟ ପାଇଁ ଓଡ଼ିଶାରେ ଏକା ମୋବିଲିଟି ପକ୍ଷରୁ ବୈଦ୍ୟୁତିକ ବସ୍ ଚଳାଚଳ

ଭୁବନେଶ୍ୱର, ୧୩।୧(ସମିସ): ଇଲେକ୍ଟ୍ରିକ ମୋବିଲିଟି କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଏକା ମୋବିଲିଟି ଜାପାନର ମିଟସୁଇ ଆଣ୍ଡ କୋ. ଲିଃ. ଏବଂ ନେଦରଲାଣ୍ଡସ୍‌ର ଭିଡ଼ିଏଲ ଗ୍ରୁପ୍‌କୁ ଇକ୍ୟୁଟି ଅଂଶୀଦାର ଭାବରେ ନେଇ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନସପୋର୍ଟ (କ୍ରୁଟ୍) ପାଇଁ ଅତ୍ୟାଧୁନିକ ଏକା ୯ଏମ ଇଲେକ୍ଟ୍ରିକ ବସ ଚଳାଇଛି। ଟ୍ରାଭେଲ ଟାଇମ ମୋବିଲିଟି ପ୍ରା.ଲିଃ. ସହ ମିଳିତ ସହଯୋଗରେ ଭାରତରେ ସ୍ଥାୟୀ ଏବଂ ଦକ୍ଷ ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଭଳି ଏକ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ଏହି ବସ ଗୁଡ଼ିକର ଚଳାଚଳ ଆରମ୍ଭ କରିଛନ୍ତି, ଯାହା ରାଜ୍ୟର ସ୍ଥାୟୀ ସାର୍ବଜନୀନ ପରିବହନ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏ ସମ୍ପର୍କରେ ଏକା ମୋବିଲଟିର ବିଜନେସ ହେଡ୍ ଏବଂ ଚିଫ ଗ୍ରୋଥ ଅଫିସର ରୋହିତ୍ ଶ୍ରୀବାସ୍ତବ କହିଛନ୍ତି, ଭାରତରେ ସ୍ଥାୟୀ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଏକା ମୋବିଲିଟିରେ ଆମେ ପ୍ରତିବଦ୍ଧ। କ୍ରୁଟ ପାଇଁ ଆମର ଏକା ୯ଏମ ବୈଦ୍ୟୁତିକ ବସର ପ୍ରଚଳନ ପରିଷ୍କାର, ସ୍ମାର୍ଟ ଏବଂ ଦକ୍ଷ ସହରୀ ପରିବହନ ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ୨ୟ ଫର୍ଣ୍ଣିଚର, ଇଣ୍ଟେରିୟର ଏବଂ ଲାଇଫ୍-ଷ୍ଟାଇଲ୍ ଏକ୍ସପୋ ୧୬ରୁ

ଭୁବନେଶ୍ୱର,୧୪।୧(ଏଜେନ୍ସି): ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ୍ ଟାଉନ ଗ୍ରାଉଣ୍ଡରେ ଜାନୁଆରୀ ୧୬ରୁ ୨୬ ପର୍ଯ୍ୟନ୍ତ ‹୨ୟ ଫର୍ଣ୍ଣିଚର, ଇଣ୍ଟେରିୟର ଏବଂ ଲାଇଫ୍-ଷ୍ଟାଇଲ୍ ଏକ୍ସପୋ' ଅନୁଷ୍ଠିତ ହେବାକୁ ଯାଉଛି। ଏହି ୧୧ ଦିନିଆ ମହୋତ୍ସବରେ ବିଶ୍ୱସ୍ତରୀୟ ସାମଗ୍ରୀର ଏକ ଅପୂର୍ବ ସମାହାର ଦେଖିବାକୁ ମିଳିବ। ଏକ୍ସପୋରେ ୧୦ଟି ଦେଶ ଏବଂ ୨୨ଟି ଭାରତୀୟ ରାଜ୍ୟର ପ୍ରାୟ ୧,୦୦,୦୦୦ରୁ ଅଧିକ ସାମଗ୍ରୀ ପ୍ରଦର୍ଶିତ ହେବ। ଏଥିରେ କୋରିଆନ୍ ଆକ୍ସେସୋରିଜ୍, ଦୁବାଇର ପୋଷାକ ଏବଂ ଥାଇଲ୍ୟାଣ୍ଡର ଅଳଙ୍କାର ସ୍ଥାନ ପାଇବ। ଖାଦ୍ୟ ବର୍ଗରେ ଆଫଗାନିସ୍ତାନର ୧୦୦ରୁ ଅଧିକ ପ୍ରକାରର ଡ୍ରାଏ ଫ୍ରୁଟ ଏବଂ ଚମ୍ପାରଣର ପ୍ରସିଦ୍ଧ ମଟନ୍ ଲୋକେ ପାଇପାରିବେ। ଭୁବନେଶ୍ୱରରେ ପ୍ରଥମ କରି 'ଜଳପରୀ ଶୋ' ପ୍ରଦର୍ଶନ କରାଯିବ, ଯାହାକି ଏକ୍ସପୋର ବିଶେଷ ଆକର୍ଷଣ ବୋଲି ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ କହିଛନ୍ତି। ଦେଶର ସମସ୍ତ ଅଞ୍ଚଳର ଆସବାବପତ୍ର, ଯେପରିକି କାଶ୍ମୀରୀ ଫର୍ନିଚର,କାଳିଙ୍ଗ୍ ଫର୍ଣ୍ଣିଚର୍, ଆଣ୍ଟିକ ଫର୍ଣ୍ଣିଚର୍, ସୋଫା ସେଟ୍, ଡାଇନିଂ ସେଟ୍ ଏବଂ କାର୍ଭିଙ୍ଗ୍ ଝୁଲା ଇତ୍ୟାଦି ଏକ୍ସରେ ମିଳିବ। ଏହାବ୍ୟତୀତ ଏକ୍ସପୋରେ ଜର୍ମାନୀ ଲ୍ୟାମ୍ପ୍‌ଠାରୁ ଆରମ୍ଭ କରି ଇରାନୀ ଖଜୁର, ଗହଣା ଏବଂ ହର୍ବାଲ ତେଲ, ଦୁବାଇ ପୋଷାକ, ଥାଇଲାଣ୍ଡର ଗହଣା, ଜୋତା ଏବଂ ପୋଷାକ ଏବଂ କୋରିଆର ଲେଡିଜ୍ ଆସେସୋରିଜ୍ ଉପଲବ୍ଧ ହେବ।




**ବିଦେଶରେ ଭାରତୀୟ ତୈଳ କମ୍ପାନୀଙ୍କ ବଡ଼ ସଫଳତା**

## ଆବୁଧାବିରେ ଅନେକ ତୈଳ ଭଣ୍ଡାର ଆବିଷ୍କୃତ

ଆବୁଧାବି,୧୪।୧(ଏଜେନ୍ସି): ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସି) ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ) ବିଦେଶରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ଦୁଇ କମ୍ପାନୀଙ୍କ ମିଳିତ ଉଦ୍ୟମରେ ଉର୍ଜା ଭାରତ ପ୍ରାଇଭେଟ୍ ଲିମିଟେଡ୍ (ୟୁବିପିଏଲ) ସେଠାରେ ଏକ ଅନ୍ ସୋର୍ ବ୍ଲକରେ ଅନେକ ନୂତନ ତୈଳ ଭଣ୍ଡାର ଆବିଷ୍କାର କରିଛି। ଏହି ଆବିଷ୍କାରକୁ ଭାରତର ଦୀର୍ଘକାଳୀନ ଶକ୍ତି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଆଇଓସି ଏବଂ ବିପିସିଏଲ୍ ଘୋଷଣା କରିଛନ୍ତି ଯେ ୟୁବିପିଏଲ୍ ଏହାର ଦ୍ୱିତୀୟ ଅନୁସନ୍ଧାନ କୂପରୁ ସଫଳତାର ସହିତ ତୈଳ ଉତ୍ତୋଳନ କରିଛି। ପ୍ରଥମ ତୈଳ ଆବିଷ୍କାର ୨୦୨୪ ପ୍ରାରମ୍ଭରେ ନିଶ୍ଚିତ କରାଯାଇଥିଲା। କ୍ରମାଗତ ଭାବେ ଏହି ଦ୍ୱିତୀୟ ଆବିଷ୍କାର ଏହି କ୍ଷେତ୍ରରେ ଦୃଢ଼ ତୈଳ ସମ୍ଭାବନାକୁ ନିଶ୍ଚିତ କରୁଛି।

ସୂଚନାଯୋଗ୍ୟ ଯେ, ୟୁବିପିଏଲ୍ ହେଉଛି ଆଇଓସି ଏବଂ ବିପିସିଏଲ୍‌ର ସଂଯୁକ୍ତ ଅନୁସନ୍ଧାନକାରୀ କମ୍ପାନୀ, ଯାହାକି ଭାରତ ପେଟ୍ରୋ ରିସୋର୍ସ ଲିମିଟେଡ୍‌ର ଏକ ସହଯୋଗୀ ସଂସ୍ଥା। ୨୦୧୯ ମାର୍ଚ୍ଚ ରେ ୟୁବିପିଏଲ୍‌କୁ ଅନୁସନ୍ଧାନ ପାଇଁ ଆବୁଧାବିର ଅନ୍‌ସୋର ବ୍ଲକ୍ ୧ ପ୍ରଦାନ କରାଯାଇଥିଲା। ଏହି କ୍ଷେତ୍ର ପ୍ରାୟ ୬୧୬୨ ବର୍ଗ କିଲୋମିଟର ବ୍ୟାପିଛି ଏବଂ କମ୍ପାନୀର ୧୦୦ପ୍ରତିଶତ ଅଧିକାର ଅଛି। ଏହି ପ୍ରକଳ୍ପରେ ଏ ପର୍ଯ୍ୟନ୍ତ ପ୍ରାୟ ୧୬୬ ନିୟୁତ ଡଲାର ବିନିଯୋଗ କରାଯାଇଛି। ୨୦୧୬ ରେ ପ୍ରଥମ ତୈଳ ଆବିଷ୍କୃତ କୂପ ଏକ୍ସଏନ୍୭୬ରେ କରାଯାଇଥିଲା। ଦ୍ୱିତୀୟ ଆବିଷ୍କାର କୂପ ଏକ୍ସଏନ୍-୭୯ ୦୨ଏସ୍‌ରେ କରାଯାଇଥିଲା, ଯେଉଁଠାରେ ହାବଶାନ୍ ଜଳଭଣ୍ଡାରରୁ ତୈଳ ଉତ୍ତୋଳନ କରାଯାଇଛି। ଏହି ଅଞ୍ଚଳରେ ଉକ୍ତ ଭଣ୍ଡାରରୁ ଏହା ପ୍ରଥମ ଆବିଷ୍କାର। କମ୍ପାନୀଗୁଡ଼ିକ କହିଛନ୍ତି ଯେ ବାଣିଜ୍ୟିକ ଭାବରେ କେତେ ତେଲ ନିଷ୍କାସନ କରାଯାଇପାରିବ ତାହା ନିର୍ଣ୍ଣୟ କରିବା ପାଇଁ ଏହି ଦୁଇଟି ଆବିଷ୍କାରର ଏକ ବିସ୍ତୃତ ଅଧ୍ୟୟନ (ମୂଲ୍ୟାୟନ ପର୍ଯ୍ୟାୟ) ଏବେ କରାଯିବ। ଏହି ଆବିଷ୍କାର ଭାରତର ବିଦେଶ ତୈଳ ସମ୍ପତ୍ତିକୁ ସୁଦୃଢ଼ କରିବ ଏବଂ ଆଗାମୀ ବର୍ଷଗୁଡ଼ିକରେ ଦେଶର ଶକ୍ତି ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ। ସାମଗ୍ରିକ ଭାବରେ, ଆବୁଧାବିରେ ଏହି ସଫଳତାକୁ କେବଳ ବାଣିଜ୍ୟିକ ଭାବରେ ନୁହେଁ, ବରଂ ରଣନୈତିକ ଦୃଷ୍ଟିରୁ ମଧ୍ୟ ଭାରତ ପାଇଁ ଏକ ପ୍ରମୁଖ ସଫଳତା ବୋଲି ବିବେଚନା କରାଯାଉଛି।

**ପ୍ରକଳ୍ପରେ ନିବେଶ ହୋଇଛି ୧୬୬ ନିୟୁତ ଡଲାର**

